**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**29 May – 2024**

# ମତଦାନ ହାର

ଦେଶରେ ଗତ ୨୫ ତାରିଖରେ ଅନୁଷ୍ଠିତ ଷଷ୍ଠ ପର୍ଯ୍ୟାୟ ନିର୍ବାଚନରେ ମୋଟ୍ ୬୩ ଦଶମିକ ୩/୭ ପ୍ରତିଶତ ମତଦାନ ହୋଇଥିବା ଭାରତର ନିର୍ବାଚନ କମିଶନ କହିଛନ୍ତି । ଏହି ପର୍ଯ୍ୟାୟରେ ପୁରୁଷଙ୍କ ଅପେକ୍ଷା ୩ ପ୍ରତିଶତ ଅଧିକ ମହିଳା ଭୋଟ୍ ଦେଇଛନ୍ତି । ଅପ୍ରେଲ୍ ମାସ ୧୯ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୬ ଦଶମିକ ୧/୪ ପ୍ରତିଶତ ମତଦାନ ହୋଇଥିଲା । ଅପ୍ରେଲ୍ ୨୬ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୬୬ ଦଶମିକ ୭/୧, ମଇ ମାସ ୭ତାରିଖରେ ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୬୫ ଦଶମିକ ୬/୮, ମଇମାସ ୧୩ ତାରିଖରେ ଅନୁଷ୍ଠିତ ଚତୁର୍ଥ ପର୍ଯ୍ୟାୟରେ ୫୯ ଦଶମିକ ୫/୮ ପ୍ରତିଶତା ମତଦାନ ହୋଇଥିଲା । ନିର୍ବାଚନ କମିଶନଙ୍କ ସୂଚନା ଅନୁସାରେ  ଗତ ୨୦ ତାରିଖରେ ଅନୁଷ୍ଠିତ ପଞ୍ଚମ ପର୍ଯ୍ୟାୟ ନିର୍ବାଚନରେ ୬୨ ଦଶମିକ ୨ ପ୍ରତିଶତ ମତଦାନ ହୋଇଛି ବୋଲି ଭାରତର ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି ।

# ଷ୍ଟାର୍ ପ୍ରଚାରକ

ରାଜ୍ୟରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ମାସ ୧ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟର ପ୍ରଚାର କାର୍ଯ୍ୟ ଆସନ୍ତାକାଲି ସନ୍ଧ୍ୟାରେ ଶେଷ ହେବ। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଛି। ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରଗ୍ରାମର ସିଦ୍ଧମଠ ପଡ଼ିଆଠାରେ ଜନସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଆଜି ଓଡ଼ିଶା ଆସି ବାଲେଶ୍ୱର, ଭଦ୍ରକ ଏବଂ ଚାନ୍ଦବାଲିରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତାକାଲି ବାଲେଶ୍ୱର ଜିଲ୍ଲାର ଶିମୁଳିଆ ଓ ସାନମହତିପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

## ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଏବଂ ବରିଷ୍ଠ ପୋଲିସ୍ ଅଧିକାରୀ ଡି.ଏସ୍. କୁଟେ ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ୍ ଅଧିକାରୀ ଆଶିଷ ସିଂ ନିର୍ବାଚନରେ ହସ୍ତକ୍ଷେପ କରିଥିବା ଅଭିଯୋଗରେ ଭାରତର ନିର୍ବାଚନ କମିଶନ ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଡି.ଏସ୍. କୁଟେଙ୍କୁ ଚାକିରିରୁ ନିଲମ୍ବନ

କରିବା ଲାଗି ରାଜ୍ୟ ନିର୍ବାଚନ କମିଶନଙ୍କୁ ସରକାରୀ ନିୟମ ଅନୁସାରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିଲମ୍ବନ ସମୟରେ ଡି.ଏସ୍. କୁଟ୍ଟେ ନୂଆଦିଲ୍ଲୀସ୍ଥିତ ଆବାସିକ କମିଶନର କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ରହିଛି । ସେହିଭଳି ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଥିବା ଆଶିଷ ସିଂଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏକ ମେଡ଼ିକାଲ୍ ବୋର୍ଡ ଗଠନ କରାଯାଇ ଆଶିଷ ସିଂଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଦୁଇ ଅଧିକାରୀଙ୍କ ବିରୁଦ୍ଧରେ ନିଆଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସଂପର୍କିତ ସମସ୍ତ ତଥ୍ୟ ଆସନ୍ତା ୩୧ ତାରିଖ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଦେବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

---

## ପର୍ଯ୍ୟବେକ୍ଷକ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା ଜିଲ୍ଲାରେ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧ ତାରିଖରେ ହେବାକୁ ଥିବା ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣଭାବେ ପରିଚାଳନା କରିବାକୁ ପର୍ଯ୍ୟବେକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

---

# ପ୍ରସ୍ତୁତି ବୈଠକ

ସମ୍ବଲପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଭୋଟ୍ ଗଣନା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଟ୍ ଗଣନାର ସୁପରିଚାଳନା, ଯୋଗାଯୋଗ କକ୍ଷ, ସୁରକ୍ଷା ବ୍ୟବସ୍ଥା, ଇଭିଏମ୍ ଓ ଭିଭିପାଟ୍ ଗଣନା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

---

## ଭଉଁରୀ ଉତ୍ସବ

ଶ୍ରୀକ୍ଷେତ୍ର ଭଉଁରୀ ଉତ୍ସବ ଅବସରରେ ପରମ୍ପରା ଅନୁଯାୟୀ ଆଜି ତିନି ରଥର ଚକ, ଅଖ ଡେରା ନୀତି ସମ୍ପନ୍ନ ହେବ। ରଥଖଳାରେ ମହାରଣା ଓ ଭୋଇ ସେବକଙ୍କ ଦ୍ୱାରା ପ୍ରତି ରଥର ଦୁଇଟି ଲେଖାଏଁ ନାହାକ ଚକ ପ୍ରସ୍ତୁତ କରାଯାଇଛି ଏବଂ ସେଥିରେ ଅଖ ଡେରା ଯିବ। ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ପରେ ପୂଜା ପଣ୍ଡା ସେବାୟତମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରିବା ପରେ ଚକ, ଅଖ ଡେରା ନୀତି ସମ୍ପନ୍ନ ହେବ।

---

# ବି.ଏଡ୍ ନାମଲେଖା

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବି.ଏଡ୍, ବି.ଏଚ୍.ଏଡ୍ ଏବଂ ଏମ୍.ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେଉଛି । ଅନ୍‌ଲାଇନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍‌ସାଇଟ୍ ଜରିଆରେ

ଆବେଦନ କରିପାରିବେ । ଆବେଦନ ପ୍ରକ୍ରିୟା ଆସନ୍ତା ମାସ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ବି.ଏଡ୍ ଓ ବି.ଏଚ୍.ଏଡ୍ ପାଠ୍ୟକ୍ରମ ପାଇଁ ଜୁଲାଇ ମାସ ୨୪ ତାରିଖ ଓ ଏମ୍.ଏଡ୍ ପାଠ୍ୟକ୍ରମ ପାଇଁ ଜୁଲାଇ ମାସ ୨୫ ତାରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

## ଏଭରେଷ୍ଟ ଡେ

ପ୍ରତିବର୍ଷ ଆଜିର ଦିନକୁ ଏଭରେଷ୍ଟ ଡେ ଭାବେ ପାଳନ କରାଯାଉଛି । ୧୯୫୩ ମସିହା ମଇମାସ ୨୯ ତାରିଖ ଦିନ ନେପାଳର ତେନଜିଙ୍ଗ୍ ଏବଂ ନିଉଜିଲ୍ୟାଣ୍ଡର ଏଡ୍‌ମଣ୍ଡ୍ ହିଲାରୀ ଏଭରେଷ୍ଟ ଶୃଙ୍ଗ ଆରୋହଣ କରିବାରେ ସକ୍ଷମ ହୋଇଥିଲେ । ନେପାଳ କ୍ରମାଗତ ଭାବେ ଆନ୍ତର୍ଜାତିକ ମାଉଣ୍ଟ ଏଭରେଷ୍ଟ ଦିବସ ପାଳନ କରିବାକୁ ମନୋନୀତ ହୋଇଛି । ପାର୍ବତ୍ୟାଞ୍ଚଳବାସୀଙ୍କ ସମସ୍ୟା, ପରିବେଶ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ପର୍ବତ ଆରୋହୀଙ୍କୁ ଉତ୍ସାହିତ କରିବା ପାଇଁ ଆଜି ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।